# ନିରନ୍ତର ଆଇନ ଶିକ୍ଷା ଓ ଆଡ୍‌ଭୋକେଟ୍ ଏକାଡେମୀ

**(ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ବାର୍ଷିକ ଅଧିବେଶନ ଅବସରରେ)**

ବିଭୁପ୍ରସାଦ ତ୍ରିପାଠୀ

ରାଜ୍ୟର ଆଇନଜୀବୀମାନଙ୍କ ସର୍ବବୃହତ୍ ଏବଂ ସର୍ବ-ପୁରାତନ ସଙ୍ଗଠନ ନିଖିଳ ଓ ଆଇନଜୀବୀ ସଂଘର ୫୩ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ନିରନ୍ତର ଆଇନ ଶିକ୍ଷା ପ୍ରସଙ୍ଗ ଓ ଆଡ୍‌ଭୋକେଟ୍ ଏକାଡେମୀର ଭୂମିକା ଗୋଟିଏ ଭିନ୍ନ ଧରଣର ଆହ୍ୱାନ ସୃଷ୍ଟି କରିଛି। ଆଇନଜୀବୀମାନେ ଜୀବନବ୍ୟାପୀ ଜଣେ ଛାତ୍ର, କାରଣ ଆଇନ ବିଷୟରେ ଅଧ୍ୟୟନ କେବଳ ଆଇନ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ପରେ ଶେଷ ହୁଏନାହିଁ। ଏଥିପାଇଁ ଜୀବନବ୍ୟାପୀ ସାଧନା କରିବାକୁ ହୁଏ। କାରଣ ଆଇନ ପେସାରେ ପାଦଦେବା ପରେ ଜଣେ ଆଇନଜୀବୀ କେବଳ ଜଣେ ଆଇନର ଛାତ୍ର ନୁହେଁ, ନ୍ୟାୟାଳୟରେ ଆଇନର ବିକାଶ ଓ ପ୍ରଗତିଶୀଳ ବ୍ୟାଖ୍ୟାନ ପାଇଁ ଶିକ୍ଷକର ଭୂମିକାଟିଏ ମଧ୍ୟ ଗ୍ରହଣ କରିଥାଏ।

ଆଇନ ଶିକ୍ଷା ଓ ବୃତ୍ତିଗତ ତାଲିମ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏବଂ ଭାରତୀୟ ଆଇନ କମିଶନ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସତ୍ତ୍ୱେ ଏ ସମ୍ପର୍କରେ ସରକାରୀ ସ୍ତରରେ କୌଣସି ଉଦ୍ୟମ ନାହିଁ। ଏହାର ଫଳସ୍ୱରୂପ ଆମ ଦେଶରେ ଓ ରାଜ୍ୟରେ ଆଡ୍‌ଭୋକେଟ୍ ଏକାଡେମୀ ପ୍ରସଙ୍ଗରେ ଆଇନଜୀବୀମାନଙ୍କ ମଧ୍ୟରେ ବିଶେଷ ପ୍ରଭାବ ପକାଇପାରିନାହିଁ। ବିଶ୍ୱର ଅନେକ ଦେଶରେ ଆଇନଜୀବୀମାନଙ୍କ ପ୍ରଶିକ୍ଷଣ, ଆଇନ ଶିକ୍ଷା ଓ ବାର୍ ପରୀକ୍ଷା ଜାରି ରଖିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏପରିକି କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁ ନ ଥିବା ଆଇନଜୀବୀଙ୍କ ଆଇନ ପେସାର ଲାଇସେନ୍ସ ନବୀକରଣ ମଧ୍ୟ କରାଯାଉ ନାହିଁ।

ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ ଓ ଇଟାଲୀ ଭଳି ଦେଶଗୁଡ଼ିକର ଆଇନଜୀବୀମାନେ ଆଇନ ପେସାରେ ଯୋଗଦେବା ପରେ ସେମାନଙ୍କର ନିରନ୍ତର ଆଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଇଛି। କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଏପରି ଢାଞ୍ଚାରେ କରାଯାଇଛି ଯେ, ଜଣେ ଆଇନଜୀବୀ ପ୍ରତ୍ୟେକ ବର୍ଷ କିଛି ନିର୍ଦ୍ଦିଷ୍ଟ ଘଣ୍ଟା ପାଇଁ ନିଜସ୍ୱ ଅର୍ଥରେ ଏହି ପେସାଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଧ୍ୟ। ସତୁରି ଦଶକପରଠାରୁ ଏହି ଦେଶଗୁଡ଼ିକ ପକ୍ଷରୁ ଏଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଏହି ଦେଶଗୁଡ଼ିକରେ ପ୍ରଥମ ଅବସ୍ଥାରେ ଆଇନଜୀବୀମାନଙ୍କ ମଧ୍ୟରେ ଏଭଳି ବୃତ୍ତିଗତ ପ୍ରଶିକ୍ଷଣକୁ ନେଇ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇ ନ ଥିଲା, ଏପରିକି କେତେକ ସ୍ଥଳରେ ବିରୋଧାଭାଷ ଦେଖାଦେଇଥିଲା। ପରିବର୍ତ୍ତନର ଏହି ଧାରା କେବଳ ବାଧ୍ୟତାମୂଳକ ଲାଇସେନ୍ସ ନବୀକରଣ ମାଧ୍ୟମରେ ସମ୍ଭବପର ହୋଇଥିଲା।

ବୃତ୍ତିଗତ ବିକାଶ ଗୋଟିଏ ଆଜୀବନ ପ୍ରକ୍ରିୟା । ଯାହା ବୃତ୍ତିର ପରିବର୍ତ୍ତିତ ଆବଶ୍ୟକତା ବିଷୟରେ ନିଜକୁ ଅବଗତ କରାଇଥାଏ। ଯେକୌଣସି ଗୋଟିଏ ବିକାଶଶୀଳ ଅର୍ଥନୀତି ପାଇଁ ମାନବ ସମ୍ବଳର ବିକାଶ ହେଉଛି ସର୍ବୋଚ୍ଚ ପ୍ରାଥମିକ। ଠିକ୍ ସେହିପରି ଦେଶରେ ଆଇନର ଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ସେହି ଦେଶରେ ଆଇନ ପେସାରେ ବ୍ୟକ୍ତିବିଶେଷଙ୍କୁ ବିଶ୍ୱସ୍ତରରେ ଆଇନକାନୁନର ଯେଉଁ ଅଭିବୃଦ୍ଧି ଘଟିଛି, ସେହି କ୍ଷେତ୍ରଗୁଡ଼ିକରେ ନିରନ୍ତର ପ୍ରଶିକ୍ଷଣ ନ ଦେଲେ ନ୍ୟାୟିକ ଭିତ୍ତିଭୂମିଗୁଡ଼ିକ ଦୁର୍ବଳ ହୋଇପଡ଼ିବ।

ଆମ ଦେଶରେ ୧୯୮୩ ମସିହାରେ ବିଚାରପତିମାନଙ୍କୁ ନିରନ୍ତର ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ନ୍ୟାଶନାଲ ଜୁଡିସିଆଲ ଏକାଡେମୀ, ଭୋପାଳଠାରେ ପ୍ରତିଷ୍ଠା କରାଯାଇଥିଲା। ସେଥିପାଇଁ ଜାତୀୟ ସ୍ତରରେ ମଧ୍ୟ ନ୍ୟାୟିକ ଶିକ୍ଷା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଲାଗି ସବୁସ୍ତରର ବିଚାର ବିଭାଗୀୟ ଅଫିସରମାନଙ୍କ ସକାଶେ ଗୋଟିଏ ପାଠ୍ୟକ୍ରମର ଖସଡ଼ା ମଧ୍ୟ ତିଆରି କରାଯାଇଛି। ଏହି ଅନୁଷ୍ଠାନ ଗଠନ ବେଳେ କେନ୍ଦ୍ର ସରକାର ଏକଥା ଉପଲବ୍ଧି କରିଥିଲେ ଯେ କେବଳ ଦେଶରେ ଅଧିକ ସଂଖ୍ୟାରେ କୋର୍ଟ ଖୋଲିଲେ କିମ୍ବା ବିଚାରପତି ନିଯୁକ୍ତ କଲେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିବ ନାହିଁ, ଏଥିପାଇଁ ବିଚାରପତିମାନଙ୍କ ନ୍ୟାୟିକ ଦକ୍ଷତା ଓ ଜ୍ଞାନରେ ଅଭିବୃଦ୍ଧିର ଆବଶ୍ୟକତା ରହିଛି। କିନ୍ତୁ ଏହି ଦକ୍ଷତା ଓ ଜ୍ଞାନର ରୂପ-ଭେକ, ଚିତ୍ର-ଚରିତ୍ର ମଧ୍ୟ ଏପରି ହେବାର ଆବଶ୍ୟକତା ରହିଛି, ଯାହାର ଫଳସ୍ୱରୂପ ବିଚାରପତିମାନେ ସେମାନଙ୍କର ନ୍ୟାୟିକ ସ୍ୱାଧୀନତାକୁ ନ ହରାଇ, କାର୍ଯ୍ୟପାଳିକାର ଆଇନ ବହିର୍ଭୂତ କାର୍ଯ୍ୟର ସଠିକ ନ୍ୟାୟିକ ସମୀକ୍ଷା କରିପାରିବା ପ୍ରସଙ୍ଗରେ ମଧ୍ୟ ଏହି ଏକାଡେମୀର ପ୍ରତିଷ୍ଠାବେଳେ ବିଚାରବିମର୍ଶ ହୋଇଥିଲା।

ଚଳିତବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅର୍ଥନୈତିକ ପ୍ରଯୁକ୍ତି ବିଦ୍ୟା ଓ ଆଇନଗତ ବ୍ୟବସ୍ଥାକୁ ନେଇ ଭୁବନେଶ୍ୱରଠାରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ସେହି କର୍ମଶାଳାରେ ଭାଗନେବା ଅବସରରେ ଚିନ୍ତାମଗ୍ନ ହୋଇଥିଲି ଯେ ଆଜି ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁ ସଂସ୍କାର ଆସିଛି ଓ ନ୍ୟାୟିକ ବ୍ୟବସ୍ଥା ପାଇଁ ଯେଉଁ ଆହ୍ୱାନ ଆଣିଛି, ତାହାକୁ ସାମ୍ନା କରିବା ଲାଗି ଆଇନଜୀବୀମାନଙ୍କ ପାଇଁ ଏଭଳି ନୂଆ ବିଷୟବସ୍ତୁଗୁଡ଼ିକ ପ୍ରଶିକ୍ଷଣ ନେବାର ଆବଶ୍ୟକତା ଅଛି। କେବଳ ଅଧିକ ଅର୍ଥ ବ୍ୟୟ କରି ଜଣେ ଉଚ୍ଚ ବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କଲେ ଆଇନପେସା କ୍ଷେତ୍ରରେ ଆସୁଥିବା ଆହ୍ୱାନଗୁଡ଼ିକୁ ସାମ୍ନା କରିବାର ଦକ୍ଷତା ହାସଲ କରିପାରିବ ନାହିଁ। ଆଇନ କଲେଜଗୁଡ଼ିକ ଏବେ ପଢ଼ାଯାଉଥିବା ପାଠ୍ୟକ୍ରମ, ବିଗତ ତିରିଶ ବର୍ଷ ତଳର ଆଇନ ପାଠ୍ୟକ୍ରମଠାରୁ ଭିନ୍ନ ନୁହେଁ।

ଆମ ଦେଶର ଆଇନ ପାଠ୍ୟକ୍ରମଗୁଡ଼ିକ ମଧ୍ୟ ଏଭଳି ଢାଞ୍ଚାରେ ତିଆରି କରାଯାଇ ନାହିଁ, ଯାହାର ଫଳସ୍ୱରୂପ ଜଣେ ଆଇନଛାତ୍ର ପାଠ ପଢ଼ିବା ସମୟରେ ମଧ୍ୟ ଆଇନକୁ କିଭଳି ନିଜର ପେସାଗତ ଜୀବନରେ ବ୍ୟବହାର କରିପାରିବ, ସେଥିପାଇଁ ପ୍ରଥମ ବର୍ଷରୁ କୌଣସି ପ୍ରଶିକ୍ଷଣ ଦିଆଯାଉ ନାହିଁ। ଇଣ୍ଟର୍ନସିପ୍ ଅର୍ଥାତ୍ ପ୍ରଶିକ୍ଷଣ ପାଇଁ ପ୍ରତ୍ୟେକ ବର୍ଷ ଛାତ୍ରୀଛାତ୍ରମାନେ ଯୋଗଦେଉଥିବା ଅଧିକାଂଶ ଲ' ଫାର୍ମଗୁଡ଼ିକ ଓ ଆଇନଜୀବୀମାନଙ୍କ ଅଫିସ୍‌ରେ କିମ୍ବା ବିଚାରାଳୟ ଏହି ପ୍ରଶିକ୍ଷଣକୁ ଗୁରୁତ୍ୱର ସହ କେହି ଗ୍ରହଣ କରୁନାହାନ୍ତି। ଫଳସ୍ୱରୂପ ପ୍ରତ୍ୟେକ ବର୍ଷ ଦେଶରେ ଆଇନ ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରୁଥିବା ଅନେକ ଆଇନ ଛାତ୍ରୀଛାତ୍ର ପରବର୍ତ୍ତୀ ଅବସ୍ଥାରେ ଆଇନ ଜ୍ଞାନର ବ୍ୟବହାରକୁ ଛାଡ଼ି ଅନ୍ୟାନ୍ୟ ବୃତ୍ତିରେ ଯୋଗ ଦେଉଛନ୍ତି।

ଆଇନଜୀବୀମାନଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା ବୃଦ୍ଧି ଲାଗି ଭାରତୀୟ ବାର୍ କାଉନ୍‌ସିଲ ପକ୍ଷରୁ ଯେଉଁ ଉଦ୍ୟମ କରାଯାଇଥିଲା, ତାହାକୁ ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନ ଦିଆଯାଇ ନ ଥିବାରୁ କୌଣସି ରାଜ୍ୟରେ ଆଡ୍‌ଭୋକେଟ୍ ଏକାଡେମୀ ଗଠନ କରାଯାଇ ନାହିଁ। କେରଳ ରାଜ୍ୟରେ ଦେଶର ପ୍ରଥମ ଏସ୍.କେ. ନାମ୍ବିୟାର ଆଡ୍‌ଭୋକେଟ୍ ଏକାଡେମୀଟି ଏବେ ଅଚଳାବସ୍ଥାରେ ପଡ଼ିଛି। ଠିକ୍ ସେହିପରି ଝାଡ଼ଖଣ୍ଡ ରାଜ୍ୟର ଆଡ୍‌ଭୋକେଟ୍ ଏକାଡେମୀ କେବଳ କାଗଜ କଲମରେ ସୀମିତ ରହିଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ହେଲେ ରାଜ୍ୟ ଜୁଡିସିଆଲ ଏକାଡେମୀ ଭଳି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ରାଜ୍ୟ ବାର୍ କାଉନ୍‌ସିଲ ନେତୃତ୍ୱରେ ଆଡ୍‌ଭୋକେଟ୍ ଏକାଡେମୀ ପ୍ରତିଷ୍ଠା ହେବାର ଆବଶ୍ୟକତା ପରିଲକ୍ଷିତ ହେଉଛି। ତ୍ୱରିତ ନ୍ୟାୟ ଓ ଗୁଣାତ୍ମକ ନ୍ୟାୟ ପାଇଁ ଆଇନଜୀବୀମାନେ ନ୍ୟାୟିକ ପ୍ରଶାସନିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ ବୋଲି ରାଜ୍ୟର ନୂତନ ସରକାର ଉପଲବ୍ଧି କଲେ, ଆମ ରାଜ୍ୟର ଶାସନ ବ୍ୟବସ୍ଥାରେ ଆଡ୍‌ଭୋକେଟ୍ ଏକାଡେମୀ ଏକ ନୂଆ ଫର୍ଦ୍ଦ ଭାବେ ଯୋଡ଼ି ହେବ।

**ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ**
**ମୋ: ୯୪୩୭୦୧୨୪୬୦**

# ଆଇନ ସଚେତନତା ଶିବିର



ଆଇନ ସମ୍ପର୍କରେ ସଚେତନ କରାଯାଉଛି।

ଏମ୍‌ଭି, ୭୯, ୨୮।୧୨ (ଭିକି ବାରିକ)

ମାଲକାନଗିରି ଏମ୍‌ଭି ୭୯ ଡ. ଏସ୍‌ପି ଡିଗ୍ରୀ କଲେଜରେ ଭାରତର ଆଇନ ବ୍ୟବସ୍ଥାରେ ଟେକ୍ନୋଲୋଜି ଆଧାରିତ ପ୍ରଗତି ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ମୋଟୁ କୋର୍ଟ ମାଜିଷ୍ଟ୍ରେଟ ତଥା ତାଲୁକ୍ ଆଇନ ସେବା ପ୍ରାଧିକରଣ ଚେୟାରମ୍ୟାନ ପ୍ରବୀଣ କୁମାର ହୋତା, ଆଧୁନିକ ଟେକ୍ନୋଲୋଜି ଓ ନୈତିକ ପଦକ୍ଷେପ ଦ୍ୱାରା ଭାରତର ଆଇନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁଛି। ଆଇନ ବ୍ୟବସ୍ଥାରେ ପ୍ରବେଶ କରୁଥିବା ଏହି ପ୍ରବର୍ତ୍ତନଗୁଡ଼ିକ ନ୍ୟାୟ ସେବାକୁ ଅଧିକ ସାଧାରଣ ଓ ସମ୍ପ୍ରସାରଣ କରିଥାଏ।

ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ଶୁଭାସ (ସୁପ୍ରିମ କୋର୍ଟ ଭିଜିକ୍ ଅନୁବାଦ ସଫ୍ଟୱେର) ଯୋଗୁ ସଂସ୍ଥାନ ରାୟଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ପଦକ୍ଷେପ ନେଇଯାଇଛି। ଏହାଦ୍ୱାରା ଅନେକ ଦୁର୍ଗମ ଅଞ୍ଚଳର ଲୋକ ନ୍ୟାୟାଳୟ ନିଷ୍ପତ୍ତିକୁ ବୁଝିବାରେ ସମର୍ଥ ହେବା ସୁଯୋଗ ପାଇଛନ୍ତି। ବରିଷ୍ଠ ଆଇନଜୀବୀ ହିରୋଜ କୁମାର ପାଣିଗ୍ରାହୀ କହିଥିଲେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଭିଡିଓ କନ୍‌ଫରେନ୍ସି ହେଉଛି। ମହାମାରୀ ସମୟରେ ଏହି ପ୍ରଚେଷ୍ଟା ମାମଲାଗୁଡ଼ିକର ଶୀଘ୍ର ଶୁଣାଣି ସୁନିଶ୍ଚିତ କରିବାକୁ ସାହାଯ୍ୟ କରିଥିଲା। ଏହାଦ୍ୱାରା ସମୟ, ଆର୍ଥିକ ସମ୍ପତ୍ତି ଓ ଶକ୍ତିର ହ୍ରାସ ସମ୍ଭବ ହୋଇପାରିଛି। ଶିବିରରେ ଅଧାପିକା ପ୍ରବାସିନୀ ମହାପାତ୍ର, ଶିବାରମ ଦାଇନି, ତାରିଣୀ ଚରଣ ମହାନ୍ତି,ଲକ୍ଷ୍ମୀଧର ବାରିକ ଓ କୋର୍ଟ କର୍ମଚାରୀ ସେମାନଙ୍କ ମତ ରଖିଥିଲେ ।

# ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ



କୋରୁକୋଣ୍ଡା, ୨୮।୧୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଇନ୍‌ଡୋର ଷ୍ଟାଡିୟମରେ ଏନ୍‌ଏସିସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓର୍କେଲ ଥାନାଧିକାରୀ ଧୀରେନ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଲିମେଳା ବ୍ୟାଡ୍‌ମିଣ୍ଟନ କମିଟି ସଭାପତି ଆଡଭାଲା କ୍ରିଷ୍ଣା ରାଓ, ସମ୍ପାଦକ ବି. ସଞ୍ଜୀବ କୁମାର, ଏଏସ୍‌ଆଇ ବିଜୟ କୁମାର ବେହିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଖେଳ ୨ଦିନ ଧରି ହେବାକୁ ଥିବାବେଳେ ୭୮ଖେଳାଳି ୩ଟି ବର୍ଗରେ ଖେଳିବେ ବୋଲି ସଭାପତି ରାଓ କହିଛନ୍ତି। ବାଲିମେଳାରେ ଆଗରୁ ଇନ୍‌ଡୋର ଷ୍ଟାଡିୟମ ନ ଥିବାରୁ ଖେଳାଳିମାନଙ୍କ ଉତ୍ସାହ କ୍ରମଶଃ ହ୍ରାସ ପାଉଥିବା ଦେଖିବାକୁ ମିଳୁଥିଲା। ଏହି ଷ୍ଟାଡିୟମ ହେବାପରେ ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ଖେଳାଳି ଏଠାରେ ପ୍ରତିଦିନ ନିଜର ଖେଳ ପାଇଁ ଅଭ୍ୟାସ ଲାଗି ଆସୁଛନ୍ତି। ଖେଳାଳିମାନେ ଆଗକୁ ଜିଲା ଓ ରାଜ୍ୟସ୍ତରରେ ମଧ୍ୟ ଅଂଶଗ୍ରହଣ କରିପାରିବେ ବୋଲି ଇନ୍‌ଡୋର ଷ୍ଟାଡିୟମ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀକାନ୍ତ ପୂଜାରୀ ସୂଚନା ଦେଇଛନ୍ତି। ଖେଳକୁ କୋଚ ପୂଜାରୀଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଚେକ୍‌ଡ୍ୟାମରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ପାପଡାହାଣ୍ଡି, ୨୮।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ବତାସର ଗ୍ରାମ ନିକଟରେ ଥିବା ଚେକଡ୍ୟାମରେ ବୁଡ଼ି ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଧନାଇ ପୂଜାରୀ (୪୫) । ସେ ଶନିବାର ସକାଳ ୧୦ ଟାରେ ନିଜ ଜମିକୁ ପନିପରିବା ଚାଷ କାମ ପାଇଁ ଯାଇଥିଲେ । ମଧ୍ୟାହ୍ନ ୧ଟାରେ ଧନାଇ ଚେକଡ୍ୟାମରେ ଭାସୁଥିବା କିଛି ଗାଈ ଚରାଳି ଦେଖି ତାଙ୍କ ସ୍ୱାମୀ ତୁଳାରାମଙ୍କୁ ଖବର ଦେଇଥିଲେ । ତୁଳାରାମ ଚେକଡ୍ୟାମ ନିକଟକୁ ଆସି ପାଣିରୁ ତାଙ୍କୁ ଉଦ୍ଧାର କରି ଅଟୋ ଯୋଗେ ବିରିଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ପାପଡାହାଣ୍ଡି, ୨୮।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦୁଲପୁର ଦେଇଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଏକ ପିକ୍‌ଅପ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜୟନ୍ତ ମାଝୀ ଏବଂ ଗୁରୁତର ସତ୍ୟପ୍ରିୟ ନାୟକଙ୍କ ଘର ନନ୍ଦାହାଣ୍ଡି ବ୍ଲକ ବି ମାଳିଗୁଡାରେ ବୋଲି ସୂଚନା ମିଳିଛି । ପାପଡାହାଣ୍ଡି ଆଇଆଇସି ଦୀପକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତ। ଦୁର୍ଘଟଣା ପରେ ପିକ୍‌ଅପ୍ ଚାଳକ ଗାଡି ଧରି ଫେରାର ହୋଇଯାଇଥିଲେ। ପରେ ମଇଦଲପୁର ଥାନାରେ ପୋଲିସ ଦୁର୍ଘଟଣାଗ୍ରସ୍ତ ପିକଅପ ଭ୍ୟାନ ନମ୍ବର (ଡବ୍ଲୁବି ୧୭ଏନ୍ ୩୯୮୩)କୁ ଅଟକ ରଖିଥିଲା। ପରେ ପାପଡାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା ପହଞ୍ଚି ଡ୍ରାଇଭର ଓ ହେଲ୍ପରକୁ ଥାନାରେ ଆଣି ପଚରାଉଚରା କରୁଛନ୍ତି । ପିକଅପଟି କୋଣ୍ଡାଗାଁରୁ ପଶ୍ଚିମବଙ୍ଗ ଯାଉଥିବା ସୂଚନା ମିଳିଛି।

# ଯାତ୍ରୀବାହୀ ଅଟୋ ଓଲଟି ୧୫ ଆହତ

ମାଲକାନଗିରି, ୨୮।୧୨ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଦୁଲାଗୁଣ୍ଡି ଘାଟିରେ ଦୁଇଟି ଯାତ୍ରୀବାହୀ ଅଟୋ ଓଲଟିବା ଫଳରେ ୧୫ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ଚିନ୍ତୁରୁ ଗ୍ରାମରୁ ଦୁଇଟି ଅଟୋରେ ପ୍ରାୟ ୩୦ ଜଣ କାଲିମେଳା ବ୍ଲକ ଦୁଲାଗୁଣ୍ଡି ଘାଟି ନିକଟସ୍ଥ ସାଦର ଗ୍ରାମରେ ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ। ଦୁଲାଗୁଣ୍ଡି ଘାଟିରେ ଅଟୋ ଦୁଇଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୧୫ ଜଣ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଏହି ୧୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ସମସ୍ତଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କେତେକଙ୍କୁ ଚିନ୍ତୁର ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡଛି।

# ଅମିତ ଶାହାଙ୍କ ଇସ୍ତଫା ଦାବିକଲା ମୂଳ ନିବାସୀ ବିକାଶ ପରିଷଦ

ନବରଙ୍ଗପୁର, ୨୮।୧୨ (ସଦାଶିବ ପ୍ରହରାଜ)




ଖବରଦାତା ସମ୍ମିଳନୀରେ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ କର୍ମକର୍ତ୍ତା।

ସଂସଦରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଆମ୍ବେଡକରଙ୍କ ପ୍ରତି ଦେଇଥିବା ମନ୍ତବ୍ୟକୁ ନେଇ ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଦଳିତ ପାଠାଗାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀ ଗୃହ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ କଡ଼ା ନିନ୍ଦା ଓ ସମାଲୋଚନା କରଛନ୍ତି । ସମ୍ବିଧାନ ନ ଥିଲେ ଭାରତ ବର୍ଷରେ ଅବହେଳିତ ସମାଜ ବିଶିଷ୍ଟ ଏସ୍‌ଟି, ଏସସି ଓ ପଛୁଆ ବର୍ଗ ତଥା ସଂଖ୍ୟା ଲଘୁ ଏବଂ ନାରୀ ସମାଜକୁ ସାମାଜିକ ଅଧିକାର ମିଳି ପାରି ନ ଥାନ୍ତା । ଭାରତ ବର୍ଷରେ ଯାହା ଆଜି ବିକଶିତ ହୋଇଛି ତାଙ୍କ ଲିଖିତ ସମ୍ବିଧାନ ଯୋଗୁଁ ହୋଇପାରିଛି ବୋଲି ଅଧ୍ୟକ୍ଷ ମାଝୀ କହିଥିଲେ। ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କୁ ଗଣତନ୍ତ୍ରର ସାମ୍ବିଧାନିକ ପଦବୀରେ ରହି ଅପମାନ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ। ତେଣୁ ଅମିତ ଶାହା ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ମାସେ ମଧ୍ୟରେ ପରିଷଦର ଦାବି ପୂରଣ ନ ହେଲେ ଅବିଭକ୍ତ କୋରାପୁଟ ଜିଲାର ହଜାର ହଜାର ସଂଖ୍ୟାରେ ମୂଳ ନିବାସୀ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଏଥିରେ ସାମାଜିକ କର୍ମୀ ଲଳିତ ମୋହନ ନାୟକ ଯୋଗଦେଇ ଅମିତ ଶାହାଙ୍କ ମନ୍ତବ୍ୟକୁ କଡ଼ା ନିନ୍ଦା କରିବା ସହ ଦୀର୍ଘ ଦିନ ପରେ ମଧ୍ୟ ଅମିତ ଶାହା ନିଜ ମନ୍ତବ୍ୟକୁ ନେଇ ଅନୁତପ୍ତ ନୁହଁନ୍ତି। ଯଦି ନିଜ ପଦବୀରୁ ଇସ୍ତଫା ନ ଦିଅନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଖ୍ରୀଷ୍ଟିଆନ ସମାଜର ବରିଷ୍ଠ ସଦସ୍ୟ ସୁଧୀର ପାତ୍ର, ମୁସ୍‌ଲିମ ସମାଜର ସଭ୍ୟ ସାଜାଦ ଖାନ ଏବଂ ଗୁଣନିଧି ସୁନା ଉପସ୍ଥିତ ରହିଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା

ଚିତ୍ରକୋଣ୍ଡା, ୨୮।୧୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ବ୍ଲକ କଂଗ୍ରେସ କମିଟି ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଧାୟକ ପ୍ରତିନିଧି ବିଦେଶୀ ଗୌଡଙ୍କ ଆହ୍ୱାନକ୍ରମେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ଶୋକସଭା କରାଯାଇଥିଲା। ମନମୋହନଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ପରେ ପରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାସ, ଚିରଞ୍ଜିବୀ ନାୟକ, ରାମୁଲୁ, ବିଜୟ ସାହୁ, ସାମାଜିକକର୍ମୀ ରଘୁବୀର ଖରା ଓ ଚିତ୍ରସେନ ଘଡେଇ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

# ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଗାଡ଼ି ଯୋଗାଣରେ ଦୁର୍ନୀତି ଅଭିଯୋଗ

ସୁନାବେଡା/ସେମିଳିଗୁଡା, ୨୮।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ପୂର୍ବସରକାରଙ୍କ ଦ୍ୱାରା ହୋଇଥିବା ଜଗନ୍ନାଥ ପରିକ୍ରମା ପ୍ରକଳ୍ପକୁ କୋରାପୁଟ ପରିବହନ ବିଭାଗ ଅନେକ ଗାଡ଼ି ଯୋଗାଇ ଥିବା ବେଳେ ଏଥିରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ମାର୍ଚ୍ଚ ୬ରେ କୋରାପୁଟ ପରିବହନ ବିଭାଗ ପକ୍ଷରୁ ବୈପାରିଗୁଡା ବ୍ଲକ ଅଧିକାରୀଙ୍କୁ (ନଂ ୫୨୩/୨୪ରେ) ଏକ ଚିଠି ଲେଖିଥିଲେ। ସେଥିରେ ପ୍ରକଳ୍ପକୁ ଯୋଗାଇଥିବା ଗାଡି ବାବଦ ଟଙ୍କା ପୈଠ କରିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ଏଥିରେ ହେରଫେର ହୋଇଥିବା ବିଭାଗ ଦେଇଥିବା ରିପୋର୍ଟରୁ ଜଣାପଡ଼ିଛି। ବିଭାଗ ପ୍ରକଳ୍ପ ପାଇଁ ୧୧ ଗାଡି ଯୋଗାଇଥିଲା। ଏଥିରେ ୨ ବସ୍ (ଓଡି-୧୦ଡବ୍ଲୁ-୭୦୭୭) ଏବଂ (ଓଡି-୧୦ୟୁ-୭୦୭୭)ର ଆର୍‌ସିକୁ ୨୦୨୩ ଡିସେମ୍ବର ୪ରେ ବିଭାଗ ପକ୍ଷରୁ ରଦ୍ଦ କରାଯାଇଥିବା ଜଣାପଡିଛି। ହେଲେ ସେହି ୨ ଗାଡିକୁ ନଂ.୫୧୧/୨୪ ଦ୍ୱାରା ୧୨।୦୨।୨୪ରେ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ପଠାଗଲା ତାହା ସନ୍ଦେହ ସୃଷ୍ଟି କରିଛି। ସୂଚନା ଅଧିକାର ଆଇନରେ ବିଭାଗକୁ ଏ ସମସ୍ତ ତଥ୍ୟ ମଗାଯାଇଥିବା ବେଳେ ବିଭାଗ ଏସବୁ ତଥ୍ୟ ନ ଦେବା ଆଶ୍ଚର୍ଯ୍ୟର ବିଷୟ। ସୂଚନା ମୁତାବକ, ଚିଠି ନଂ ୧୩୦୯/୨୪ ଓ ୧୭୧୩/୨୪ରେ ବିଭାଗ ୧୧ ଗାଡ଼ି ଦେଇଥିବା ଏବଂ ଆର୍‌ସି ରଦ୍ଦ ହୋଇଥିବା ୨ ଗାଡ଼ି ସାମିଲ୍ ଥିବା ଜଣାପଡ଼ିଛି। ପରିବହନ ବିଭାଗ ସୂଚନା ଅଧିକାରୀଙ୍କୁ ତଥ୍ୟ ଲୁଚାଇବା ପ୍ରଶ୍ନ ସୃଷ୍ଟି କରିଛି। ଏ ସମ୍ପର୍କରେ କୋରାପୁଟ ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କୁ ପଚାରିବାରୁ, ଏ ସବୁ ବିଷୟରେ ସେ ଜାଣି ନାହାନ୍ତି। କାରଣ ସେ ନିର୍ବାଚନ ସମୟରେ ଏଠାରେ ଯୋଗ ଦେଇଥିଲେ। ଯଦି ସେମିତି କିଛି ହୋଇଥାଏ ତେବେ ଦେଖିବେ ବୋଲି ସେ କହିଛନ୍ତି।

# ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର, ରନ୍ଧନ ପ୍ରତିଯୋଗିତା

ଜୟପୁର, ୨୮।୧୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲାର ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିଏମ୍ ପୋଷଣ ଯୋଜନାରେ ପାଚିକା ଓ ସହାୟିକାଙ୍କ ପାଇଁ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଏବଂ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରକାରୀ ବାଳିକା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟ ଓ ଆମ୍ବାଗୁଡା ସରକାରୀ ନୋଡାଲ ବିଦ୍ୟାଳୟରେ ଡିସେମ୍ବର ୨୬ରୁ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଶତପଥି ଯୋଗ ଦେଇଥିଲେ। ଏଥିରେ ୫୦୮ ପାଚିକା ଓ ସହାୟିକା ଅଂଶଗ୍ରହଣ କରିଥିଲେ। ପିଏମ୍ ପୋଷଣ ଯୋଜନାର ସଂଯୋଜକ ମନୋଜ ପଟ୍ଟନାୟକ ପରିଚାଳନା କରିଥିଲେ। କେ. ଗୋପୀନାଥ ପଟ୍ଟନାୟକ, ନରସିଂହ ପାଣିଗ୍ରାହୀ, କୃଷ୍ଣ ନନ୍ଦ, ହରିହର ପାଳ ବିଚାରକ ଥିଲେ। ଶିକ୍ଷକ ଆଦିତ୍ୟ ମିଶ୍ର, ରମେଶ ନାୟକ ଓ ଘନଶ୍ୟାମ ଭୋଇ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଡାବୁଗାଁ, ୨୮।୧୨ (ପ୍ରଜ୍ଞା ରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଚଚରାଗୁଡା ଗ୍ରାମ ପଞ୍ଚାୟତ ଅଧୀନ ବାଇଗାଁ ବିଦ୍ୟାଳୟ ପଡିଆରେ ମା' କଣ୍ଟାୟାନୀ ଅନ୍ତଃ ବ୍ଲକ୍ ଭଲିବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ବୀଣା ମାଝୀ ଓ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଫାଇନାଲ ମ୍ୟାଚରେ ଡାବୁଗାଁ ବ୍ଲକ୍ ବାଇଗାଁକୁ ପରାଜିତ କରି କୋଷାଗୁମୁଡ଼ା ବ୍ଲକର କୋଡିଙ୍ଗା ପାଖ ବନ୍ଦିଗୁଡା ବନ୍ଦିଗୁଡା ୫-୩ରେ ବିଜୟୀ ହୋଇଛି। ବନ୍ଦିଗୁଡା ବିଜେତା ଦଳକୁ ୧୧,୧୧୧ ଟଙ୍କାର ଚେକ୍ ଏବଂ ବାଇଗାଁ ଉପ ବିଜେତା ଦଳକୁ ୮,୮୮୮ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ମ୍ୟାଚକୁ ରେଫରୀ ଭାବେ ଗାଗାରିନ ହରିଜନ, ରାଜୁ ହରିଜନ ଓ ଗିରିଧର ପୂଜାରୀ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ବ୍ଲକର ୮ଟି ଦଳ ଅଂଶଗ୍ରହଣ କରି ଥିଲେ । ଉକ୍ତ ମ୍ୟାଚ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ କ୍ରୀଡା ପ୍ରେମୀଙ୍କ ଭିଡ ଜମିଥିଲା।




ଅତିଥିଙ୍କ ଗହଣରେ ଚେକ୍ ସହ ଖେଳାଳି।

# ପାହାଡ଼ ବ୍ଲାଷ୍ଟିଂ କାର୍ଯ୍ୟ ବନ୍ଦ ଦାବି

**ପ୍ରଚଣ୍ଡ ଶବ୍ଦରେ କାନ୍ଥରେ ହେଉଛି ଫାଟ**

ଦାମନଯୋଡି, ୨୮।୧୨ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ବସଷ୍ଟାଣ୍ଡ ନିକଟରେ ନାଲକୋର ସଂପ୍ରସାରଣ କାର୍ଯ୍ୟ କରୁଥିବା ଏକ ଠିକା ସଂସ୍ଥା ପାହାଡରେ ବ୍ଲାଷ୍ଟିଂ କରୁଥିବାରୁ କମ୍ପନ ହୋଇଛି। ଫଳରେ ଭୟଙ୍କର ଶବ୍ଦ ଯୋଗୁ ଆଖପାଖ ଲୋକେ ଭୟଭୀତ ହେଉଛନ୍ତି। କୃତ୍ରିମ ଭୂକମ୍ପନରେ ବସଷ୍ଟାଣ୍ଡ ତଥା ଆଖପାଖରେ ଥିବା ଅନେକ ଦୋକାନ ଏବଂ ଘର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ନେଇ ମାଥାଲପୁଟ ଓ ଲିଟିଗୁଡା ପଞ୍ଚାୟତର ସରପଞ୍ଚଙ୍କୁ ଲୋକମାନେ ଅଭିଯୋଗ କରିଛନ୍ତି। ସେହିପରି ଶୁକ୍ରବାର ରାତିରେ ଏହି ଘଟଣାକୁ ନେଇ ୨ ପଞ୍ଚାୟତର ସରପଞ୍ଚଙ୍କ ସହ ବରିଷ୍ଠ କଂଗ୍ରେସ ନେତା କୃଷ୍ଣ କୁଲଦୀପ, ମାଥାଲପୁଟ ମାର୍କେଟ କମିଟି ସଭାପତି ସୁବାଷ ମହାପାତ୍ର,ସମ୍ପାଦକ ରବୀନ୍ଦ୍ର ସାହୁ,କୋଷାଧ୍ୟକ୍ଷ ମୋହନ ସାମଲ ଏବଂ ମାର୍କେଟର ବ୍ୟବସାୟୀମାନେ ଦାମନଯୋଡି ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ତୁରନ୍ତ ବନ୍ଦ କରିବାକୁ ନେଇ ଡିସେମ୍ବର ୮ରେ ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା, ଲିଟିଗୁଡା ସରପଞ୍ଚ ଅନ୍ତୁ ଜାନି ଏବଂ ସ୍ଥାନୀୟ ଲୋକେ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ପରବର୍ତ୍ତୀ କ୍ଲିଅରାନ୍ସ ନ ମିଳିବା ପର୍ଯ୍ୟନ୍ତ ବ୍ଲାଷ୍ଟିଂ ବନ୍ଦ ରଖିବା ପାଇଁ ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ (ଚିଠି ସଂଖ୍ୟା ୩୦୭୩/୨୪ରେ) ନାଲକୋ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। କାମ କରୁଥିବା ସଂସ୍ଥା ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ବ୍ଲାଷ୍ଟିଂ କରୁଥିବାରୁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ବ୍ଲାଷ୍ଟିଂ କାର୍ଯ୍ୟ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



COLLECTORATE: KORAPUT
(JUDICIAL SECTION)

Letter No. 3073 /XIII-181/2024 Dated. 17/12/2024

To
The Chairman-cum-Managing Director,
NALCO, Damanjodi,
Dist-Koraput

Sub:- Compliant Petition on stoppage of Blasting Work continuing in front of Mathalput Bustand.

Sir,

With reference to the subject cited above, I am to inform you that, the Sarapancha of Mathalput/Litiguda GP and villagers have submitted Complain Petition vide letter No. 68 dated 08.12.2024 of Mathalput GP (copy enclosed) for stoppage of the blasting work at in front of the Damanjodi Mathalput Bus stand which is coming under area of NOLCO, Damanjodi of the District Koraput.

As it reveals from the complain petition that, people of the locality are experiencing lots of problems i.e. health hazard, danger to life at risk, etc. due to the aforesaid blasting work. In this case, the genuine of the petition is required to be enquired into.

Hence, you are requested to issue instructions to stop the blasting work until further clearance from this office.

This may please be treated as extremely URGENT.

Encl:
Complain petition=4(Four) pages only.

Yours faithfully
Additional District Magistrate
Koraput

Memo No. 3074 /2024 Date: 17/12/2024

Copy to the Sarapanch, Mathalput GP/ Litiguda GP for information with reference to the letter no 68 dated 08.12.2024 of Grama Panchayat Mathalput, Dist-Koraput.

Additional District Magistrate
Koraput

ବ୍ଲାଷ୍ଟିଂ କାର୍ଯ୍ୟ ବନ୍ଦ କରିବା ନେଇ ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ କରାଯାଇଥିବା ଚିଠି।

